**Message Dated:- 13/11/2015**

ଏହି ସୁଚନାଟି ଆକାଶବାଣୀର ସବୁ କେନ୍ଦ୍ର ପାଇଁ ୧୫ ମିନିଟ୍ ର ପ୍ରାୟୋଜିତ କାର୍ଯ୍ୟକ୍ରମ "ମୀନାର ଦୁନିଆ" ପ୍ରସାରଣ ସମ୍ପର୍କରେ ।

ସୂଚନାଟି ହେଲା – UNICEF ତରଫରୁ ୧୫ ମିନିଟ୍ ର ପ୍ରାୟୋଜିତ କାର୍ଯ୍ୟକ୍ରମ "ମୀନାର ଦୁନିଆ" ଆଗାମୀ ନଭେମ୍ବର ୧୬, ୨୦୧୫ ତାରିଖରୁ ପ୍ରତି ସପ୍ତାହର ସୋମବାରରୁ ଶୁକ୍ରବାର (୫ ଦିନ ) ଅପରାହ୍ନ ୨ ଟା ବାଜି ୪୫ ମିନିଟ୍ ସମୟରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରଣ କରାଯିବ । ଏହି କାର୍ଯ୍ୟକ୍ରମଟିକୁ ଆକାଶବାଣୀର ସବୁ କେନ୍ଦ୍ରମାନେ ଆକାଶବାଣୀ କଟକ କେନ୍ଦ୍ରରୁ relay କରି ପ୍ରସାରଣ କରିବେ ଏବଂ Daily Production Sheetରେ ମଧ୍ୟ ଲେଖିବାକୁ ଅନୁରୋଧ । ଏଇଠି କେନ୍ଦ୍ରମାନଙ୍କୁ ଜଣେଇ ଦେଉଛୁ ଯେ, School ଛୁଟିଥିବା ଦିନଗୁଡିକରେ ଏହି କାର୍ଯ୍ୟକ୍ରମଟି ପ୍ରସାରଣ କରାଯିବ ନାହିଁ ଏବଂ ଅପରାହ୍ନ ୨ ଟା ୪୫ ମିନିଟ୍ ସମୟ ବ୍ୟତିତ ଅନ୍ୟ କୌଣସି ସମୟରେ ମଧ୍ୟ ଏହି କାର୍ଯ୍ୟକ୍ରମଟି ପ୍ରସାରଣ ହେବ ନାହିଁ । ଆଗାମୀ ନଭେମ୍ବର ୧୬, ୨୦୧୫ ତାରିଖରୁ ଆରମ୍ଭ ହୋଇ ମୋଟ ୯୦ ଟି କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

କେନ୍ଦ୍ରମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ନିଜ କେନ୍ଦ୍ରରୁ Maximum Publicity କରିବେ ।